ପ୍ରମେୟ
THE PRAMEYA

22nd Sept, 2019

# ପୂର୍ବ ଭାରତରେ ଶିକ୍ଷାର ନେତୃତ୍ୱ ନେବ ଆଇଆଇଟି

## ୩ ବର୍ଷରେ ଦୁଇଗୁଣ ବୃଦ୍ଧି ପାଇଛି ପିଏଚଡି ଛାତ୍ର ସଂଖ୍ୟା: ନିର୍ଦ୍ଦେଶକ

ଭୁବନେଶ୍ୱର,୨୧।୯(ବ୍ୟୁରୋ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଭୁବନେଶ୍ୱର ଏବେ ପୂର୍ବଭାରତ ଶିକ୍ଷାନୁଷ୍ଠାନଗୁଡିକର ନେତୃତ୍ୱ ନେବ। ଶିକ୍ଷା କ୍ଷେତ୍ରରେ ଅନ୍ୟ ଅନୁଷ୍ଠାନଗୁଡିକର ମେଣ୍ଟର୍ ସାଜିବ। ଭୁବନେଶ୍ୱର ଏବେ ଗ୍ରେଟ୍ ଏଜୁକେସନାଲ୍ ହବ୍‌ରେ ପରିଣତ ହୋଇଛି। ଯାହା ପୂର୍ବଭାରତ ଶିକ୍ଷାର କେନ୍ଦ୍ରସ୍ଥଳ ପାଲଟିଛି। ଆଇଆଇଟି ଭୁବନେଶ୍ୱର ପୂର୍ବ ଭଳି ତା'ର ନେତୃତ୍ୱ ବଜାୟ ରଖିବ। ବିଭିନ୍ନ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କର ମାର୍ଗଦର୍ଶନ କରିବ। ଏହି ଅଞ୍ଚଳ ତଥା ଯୁବ ପିଢିଙ୍କର ବିକାଶ ପାଇଁ ଆଇଆଇଟି କାମ କରିବ ବୋଲି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଛନ୍ତି।



ଶନିବାର ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ଉତ୍ସବ ଅବସରରେ ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଛନ୍ତି ଯେ, ଭୁବନେଶ୍ୱର ଆଇଆଇଟିର ସବୁ କ୍ଷେତ୍ରରେ ଅର୍ନ୍ତଜାତୀୟସ୍ତରୀୟ ଅଭିବୃଦ୍ଧି ହୋଇଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଏହି ଶିକ୍ଷାନୁଷ୍ଠାନକୁ ଭିନ୍ନ ଭାବେ ଗଢି ତୋଳିଛି। ବିଶ୍ୱର କୋଣ ଅନୁକୋଣରୁ ଖୋଜି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଉଛି। ଏବେ ବି ବହୁ ବିଦେଶୀ ଅଧ୍ୟାପକ ଭୁବନେଶ୍ୱର ଆଇଆଇଟିରେ ଶିକ୍ଷାଦାନ କରୁଛନ୍ତି। ପାଠ୍ୟକ୍ରମଗୁଡିକ ଅର୍ନ୍ତଜାତୀୟସ୍ତରୀୟ ହେବା ଭଳି ପ୍ରସ୍ତୁତ କରାଯାଇଛି। ଶିକ୍ଷାଦାନ ଓ ଗବେଷଣାରେ ବୃତ୍ତିଗତ ପରିପକ୍ୱତା ରହିଛି। ଅଧିକ ସଂଖ୍ୟା ଅପେକ୍ଷା ଗୁଣାତ୍ମକ ଗବେଷଣାକୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଅର୍ନ୍ତଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ସହିତ ବୁଝାମଣା ପତ୍ର ବା ଏମଓୟୁ ସ୍ୱାକ୍ଷର ହୋଇଛି। ସବୁଠୁ ବଡ କଥା ହେଲା ଗତ ୩ ବର୍ଷ ମଧ୍ୟରେ ପିଏଚଡି ଛାତ୍ର ସଂଖ୍ୟା ଦୁଇଗୁଣକୁ ବୃଦ୍ଧି ପାଇଛି ବୋଲି ପ୍ରଫେସର ରାଜକୁମାର କହିଛନ୍ତି।

## ଛାତ୍ର ଜୀବନରୁ ଅନେକ ବିଫଳତା ଦେଖିଛି: ଶିବନ୍

ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କୁ ଦେଖି ଭାବ ବିହ୍ୱଳ ହୋଇ ପଡିଥିଲେ ଇସ୍ରୋ ଅଧ୍ୟକ୍ଷ ଡ. କେ ଶିବନ୍। ଡ. ଶିବନ୍ କହିଥିଲେ, ଛାତ୍ର ଜୀବନରୁ ମୁଁ ଅନେକ ବିଫଳତା ଦେଖିଛି। ଏକ ସାଧାରଣ ଚାଷୀ ପରିବାରରୁ ଆସିଛି। ସରକାରୀ ସ୍କୁଲ ଓ କଲେଜରେ ପଢିଛି। ହେଲେ ସ୍ନାତକ ସ୍ତର ବିଜ୍ଞାନରେ ନିଜ ପସନ୍ଦ ପାଠ୍ୟକ୍ରମରେ ପଢିବାକୁ ସୁଯୋଗ ପାଇନଥିଲି। ସେହିପରି ପିଏଚଡି ସମୟରେ ଯେଉଁ ବିଷୟରେ ଗବେଷଣା କରିବାକୁ ଚାହିଁଥିଲି, ତାହାର ବିପରୀତ ବିଷୟରେ ଗବେଷଣା କରିବାକୁ ସୁଯୋଗ ମିଳିଥିଲା। ସେହିପରି ଅନ୍ୟ କ୍ଷେତ୍ରରେ ଚାକିରି ପାଇଁ ଇଚ୍ଛା ଥିଲା, ମାତ୍ର ମହାକାଶ ବିଜ୍ଞାନରେ କାମ କରିବାର ସୁଯୋଗ ମିଳିଲା। ତେବେ ଛାତ୍ରଛାତ୍ରୀ ହୁଅନ୍ତୁ ବା ଅନ୍ୟ କେହି ରିସ୍କ ନ ନେବା ପର୍ଯ୍ୟନ୍ତ ବଡ ସଫଳତା ପାଇପାରିବେ ନାହିଁ। ଚମତ୍କାର ଭୁଲ କର। ହେଲେ ସେଥିରୁ ଶିକ୍ଷା ଲାଭ କର। ନୂଆ କିଛି ଜାଣିବା ପାଇଁ ପାଗଳାମି ରଖ ବୋଲି ଡ. ଶିବନ୍ ଛାତ୍ରଛାତ୍ରୀଙ୍କୁ କହିଥିଲେ।



## ଆମେ ବହୁତ ଦିନରୁ ଅପେକ୍ଷା କରିଥିଲୁ: ଶ୍ରେୟା ଶର୍ମା

ଆମେ ବହୁତ ଦିନରୁ ଅପେକ୍ଷା କରିଥିଲୁ କେବେ କେ ଶିବନ୍ ସାର୍ ଆସିବେ। ସେ ଆମମାନଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ। ତାଙ୍କୁ ମୁଁ ବହୁତ ଭଲ ପାଏ। ତେବେ ତାଙ୍କ ବକ୍ତବ୍ୟରୁ ମୁଁ ଶିଖିବାକୁ ପାଇଛି ଯେ, ସବୁ ସମୟରେ ଆମ ଇଚ୍ଛା ମୁତାବକ ପରିସ୍ଥିତି ନଥାଏ। ଯେତେବେଳେ ଯେଉଁ ପରିସ୍ଥିତି ଥିବ, ତା' ସହ ଖାପ୍ ଖୁଆଇ ନିଜକୁ ପ୍ରମାଣିତ କରିବାକୁ ପଡିବ। କଠିନ ପରିଶ୍ରମ ବଳରେ ଆମ ନିଜର ଭବିଷ୍ୟତ ଆମେ ନିଜେ ଗଢିପାରିବା ବୋଲି କହିଛନ୍ତି ଏମଏସସି ଛାତ୍ରୀ ଶ୍ରେୟା ଶର୍ମା।



## ଡ. କେ. ଶିବନ୍ ବହୁ ଛାତ୍ରଛାତ୍ରୀଙ୍କ ଆଦର୍ଶ: ଅନୁଭବ ନାଥ୍

କିଛି ଦିନ ପୂର୍ବରୁ ଚନ୍ଦ୍ରାୟନ-୨ର ଲାଇଭ୍ ଟିଭିରେ ଦେଖିଥିଲି। ଆଉ ସେତେବେଳକୁ ଆମେ ଜାଣି ସାରିଥିଲୁ, ଇସ୍ରୋ ଅଧ୍ୟକ୍ଷ କେ ଶିବନ୍ ଆଇଆଇଟି ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ତେବେ ତାଙ୍କ ନିକଟରୁ ସ୍ୱର୍ଣ୍ଣପଦକ ଗ୍ରହଣ କରିବା ଗର୍ବ ଓ ଗୌରବର ବିଷୟ। ସତ କହିବାକୁ ଗଲେ ଡ. ଶିବନ୍ ହେଉଛନ୍ତି ବହୁ ଛାତ୍ରଛାତ୍ରୀଙ୍କର ଆଦର୍ଶ। ଏମଏସସି ବିଜ୍ଞାନର ସର୍ବଶ୍ରେଷ୍ଠ ଛାତ୍ର ଅନୁଭବ ନାଥ୍ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପାଇବା ଅବସରରେ ଏହି ପ୍ରତିକ୍ରିୟା ରଖିଛନ୍ତି।

